SAMBAD
ସମ୍ବାଦ

Dt:31/05/2017

# ନିସ୍‌କୁ ମିଳିଲା ୟୁଜିସି ମାନ୍ୟତା

ଖଣ୍ଡଗିରି, ୩୦।୫ (ଇମିସ): ରାଜଧାନୀ ଉପକଣ୍ଠ ମହଜ ପୁରସ୍ଥିତ ନିସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ମାନ୍ୟତା ମିଳିଛି। କେନ୍ଦ୍ର ମାନବ ସଂଶାଧନ ବିକାଶ ମନ୍ତ୍ରାଳୟ ପକ୍ଷରୁ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଏଠାରେ ଏମ୍‌ବିଏ ଓ ଏମ୍‌ସିଏ ପାଠ୍ୟକ୍ରମ ଏଆଇସିଟିଇ ଦ୍ୱାରା ଅନୁମୋଦିତ ହୋଇ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅନୁବନ୍ଧନରେ ଚାଲୁ ରହିଥିଲା। କିନ୍ତୁ ଏପରି ମାନ୍ୟତା ମିଳିବା ପରେ ଏହି ଶିକ୍ଷାନୁଷ୍ଠାନ ଏଣିକି ସିଧାସଳଖ ୟୁଜିସି ସହ ଅନୁବନ୍ଧିତ ହୋଇ ଶିକ୍ଷାଦାନ କରିବ। ଏହି ମାନ୍ୟତା ପାଇବା ପରେ ପ୍ରତିଷ୍ଠାତା ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏଣିକି ଏଠାରେ ଗବେଷଣା ଓ ଶିକ୍ଷାକ୍ଷେତ୍ରରେ ଭଲ ମାନାଙ୍କ ସୃଷ୍ଟି ପାଇଁ ଉଦ୍ୟମ କରାଯିବ। ଡିନ୍ ଡ. ଶ୍ରୁତିକାନ୍ତ ଦୀକ୍ଷିତ ଏଥିପାଇଁ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେବା ସହ ଭବିଷ୍ୟତରେ ଏହାକୁ ଏକ ବଡ଼ ଆହ୍ୱାନ ବୋଲି କହିଛନ୍ତି। ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ମିଳିତ ଉଦ୍ୟମ ପାଇଁ ଏଭଳି ମାନ୍ୟତା ମିଳିଥିବାରୁ ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ସାଧୁବାଦ ଜଣାଇଛନ୍ତି।